**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**15 June – 2024**

# ନାଗରିକ ସୁରକ୍ଷା ସଂହିତା

ଦେଶରେ ଆସନ୍ତାମାସ ପହିଲାରୁ ଭାରତୀୟ ନ୍ୟାୟ ସଂହିତା, ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଆଇନ କାର୍ଯ୍ୟକାରୀ ହେବ । ବ୍ରିଟିଶ ଅମଳରୁ ଚାଲିଆସୁଥିବା ୩ଟି ପୁରୁଣା ଆଇନକୁ ପରିବର୍ତ୍ତନ କରାଯାଇଛି । ଗତବର୍ଷ ଡିସେମ୍ବରରେ  ସଂଶୋଧିତ ନୂଆ ଆଇନ ଲାଗୁ କରିବା ପାଇଁ ସରକାରଙ୍କ ପକ୍ଷରୁ  ବିଜ୍ଞପ୍ତି ପ୍ରକାଶ ପାଇଥିଲା ।  ଫଳରେ ଏଣିକି ପୁରୁଣା ଆଇ.ପି.ସି. ଏବଂ ସି.ଆର୍.ପି.ସି. ଧାରା ଲାଗୁ ହେବ ନାହିଁ ।  ପୁରୁଣା ନିୟମରେ ଅପରାଧକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ନୂଆ ଆଇନରେ ଅପରାଧ ସହ ନ୍ୟାୟ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯିବ । ଏହା ଛଡ଼ା ମାନବାଧିକାର ତଦନ୍ତରେ ବୈଷୟିକ ଜ୍ଞାନକୌଶଳର ବ୍ୟାପକ ବ୍ୟବହାର ଲାଗି ଗୁରୁତ୍ୱ ପ୍ରଦାନ କରାଯିବ । ଏ ସଂପର୍କରେ ଲୋକମାନଙ୍କୁ ସଚେତନ କରାଇବା ଲାଗି ସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ଓଡ଼ିଶାରେ ଜୁଲାଇ ୧ ତାରିଖରୁ ନୂଆ ପୋଲିସ୍ ଆଇନ ଲାଗୁ ହେବା ନେଇ ବିଭିନ୍ନ ପର୍ଯ୍ୟାୟରେ ଅଧିକାରୀ ଓ କର୍ମଚାରୀମାନଙ୍କୁ ତାଲିମ ଦିଆଯାଉଛି ।

## ଛତିଶାନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିରରେ ଆସନ୍ତା ରାଜେନ୍ଦ୍ରାଭିଷେକ ନୀତିଠାରୁ ଦେବସ୍ନାନ ପୂର୍ଣ୍ଣିମା ନୀତିକାନ୍ତି, ଶୃଙ୍ଖଳିତ ରଥଯାତ୍ରାକୁ ନେଇ  ଛତିଶାନିଯୋଗ ଓ ନୀତିକମିଟିର ବୈଠକରେ ନିଷ୍ପତ୍ତି ହୋଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ରଥଯାତ୍ରା ଦିନ ନବଯୌବନ ଦର୍ଶନ, ନେତ୍ରୋତ୍ସବ ପଡୁଥିବାରୁ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଛି। ଏଥିସହ ୪ ଦ୍ୱାର ଦେଇ ସାଧାରଣ ଭକ୍ତଙ୍କ ପ୍ରବେଶ ଅନୁମତି ପରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନେଇ ବୈଠକରେ ଆଲୋଚନା ହୋଇଛି  ।

ସୂଚନାଯୋଗ୍ୟ, ଆସନ୍ତା ୧୬ ତାରିଖରେ ଶ୍ରୀଜୀଉମାନଙ୍କର ରାଜେନ୍ଦ୍ରାଭିଷେକ ଏବଂ ୨୬ ତାରିଖରେ ସ୍ନାନପୂର୍ଣ୍ଣିମା ଅନୁଷ୍ଠିତ ହେବ। ସେହିଭଳି ଜୁଲାଇ ମାସ ୭ ତାରିଖରେ ଶ୍ରୀଜୀଉମାନଙ୍କ ନବଯୌବନ ଦର୍ଶନ, ନେତ୍ରୋତ୍ସବ ଏବଂ ଶ୍ରୀଗୁଣ୍ଡିଚା ଯାତ୍ରା ହେବ। ୧୩ ଦିନିଆ ପକ୍ଷ ପଡୁଥିବାରୁ ଗୋଟିଏ ଦିନରେ ଅଣସର ପରବର୍ତ୍ତୀ ଗୁପ୍ତନୀତି, ନବଯୌବନ ଦର୍ଶନ ଏବଂ ଶ୍ରୀଗୁଣ୍ଡିଚା ଯାତ୍ରା ହେବ।

## ନିଟ୍-ଶିକ୍ଷାମନ୍ତ୍ରୀ

ନିଟ୍ ୟୁଜି ମେଡ଼ିକାଲ ପ୍ରବେଶିକା ପରୀକ୍ଷା ଫଳ ପ୍ରସଙ୍ଗରେ ପରୀକ୍ଷାର୍ଥୀଙ୍କ ସ୍ୱାର୍ଥରକ୍ଷା ଦିଗରେ କେନ୍ଦ୍ର ସରକାର ପ୍ରତିବଦ୍ଧ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସାମାଜିକ ଗଣମାଧ୍ୟମରେ ଏକ ଟ୍ୱିଟ୍

ଜରିଆରେ ଶ୍ରୀ ପ୍ରଧାନ କହିଛନ୍ତି ଛାତ୍ରଛାତ୍ରୀଙ୍କ କଲ୍ୟାଣ ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପାଳନ କରାଯିବ । କୌଣସି ଛାତ୍ରଛାତ୍ରୀ ଅସୁବିଧାରେ ପଡ଼ିବେ ନାହିଁ କିମ୍ବା କାହାର କ୍ୟାରିୟର ନଷ୍ଟ ହେବ ନାହିଁ । ଖୁବ୍‌ଶୀଘ୍ର ନିଟ୍ ଛାତ୍ରଛାତ୍ରୀଙ୍କ ପାଇଁ କାଉନ୍‌ସେଲିଂ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ କହିଛନ୍ତି ।

---

## ରଜ

ଆଜି ରଜ ସଂକ୍ରାନ୍ତି। କୃଷିଭିତ୍ତିକ ଗଣପର୍ବ ରଜ ଉତ୍ସବ ପାଇଁ ଗାଁରୁ ସହର ଉତ୍ସବମୁଖର ହୋଇଉଠିଛି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି । ଏହି ପର୍ବ ମୁଖ୍ୟ ତିନିଦିନ ଧରି ପାଳନ ହୋଇଥାଏ । ଗତକାଲି ପହିଲି ରଜ ପାଳନ କରାଯାଇଥିବା ବେଳେ ଆଜି ରଜ ସଂକ୍ରାନ୍ତି ଏବଂ ଆସନ୍ତାକାଲି ଭୂମି ଦହନ। ଚତୁର୍ଥ ଦିନ ବସୁମତି ସ୍ନାନ ଉତ୍ସବ ପାଳନ କରାଯାଇ ରଜ ଶେଷ ହୁଏ।

ଗତକାଲି ପ୍ରଥମ ରଜ ଅବସରରେ ଭଦ୍ରକ ଶହୀଦ ସ୍ମୃତି ଭବନ ଟାଉନ ହଲ୍‌ଠାରେ ମନମୋହନ ସଂଗୀତ ପରିଷଦ ପକ୍ଷରୁ ଆୟୋଜିତ ଉତ୍ସବରେ ଭଦ୍ରକ ଲୋକସଭା ସଦସ୍ୟ ଅଭିମନ୍ୟୁ ସେଠୀ ଯୋଗଦେଇଥିଲେ । ସେ ରଜ ଉତ୍ସବର ପରମ୍ପରା ଉପରେ ଆଲୋକପାତ କରିଥିଲେ ।

---

# ଶିକ୍ଷାନୁଷ୍ଠାନ-ତଥ୍ୟ

ରାଜ୍ୟରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକ ୱେବ୍‌ସାଇଟ୍‌ରେ ସମସ୍ତ ସୂଚନା ପ୍ରଦାନ କରିବା ଲାଗି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନିର୍ଦ୍ଦେଶ ଦେଇଛି । ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକ ସମସ୍ତ ସୂଚନା ନିଜ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିବା ଲାଗି ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ଓ କଲେଜ ଅଧ୍ୟକ୍ଷ ମାନଙ୍କୁ ଅବଗତ କରାଯାଇଛି । ଏଥିରେ ଶିକ୍ଷାନୁଷ୍ଠାନ ଗୁଡ଼ିକ ଛାତ୍ରଛାତ୍ରୀ, ଅନୁବନ୍ଧନ, ଅନୁମତି, ଆଲୁମିନି ଭଳି ସୂଚନା ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଇବେ ।

# ନାମଲେଖା ଫି’ ଫେରସ୍ତ

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ଫି’ ଫେରସ୍ତ ନୀତି ଜାରି ହୋଇଛି । ଚଳିତ ଶିକ୍ଷାବର୍ଷ ପାଇଁ ନାମଲେଖା ବାତିଲ କିମ୍ବା ପ୍ରତ୍ୟାହାର ପରେ ଶିକ୍ଷାନୁଷ୍ଠାନ ଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ ଦେୟ ଫେରସ୍ତ ନେଇ ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନକୁ ଅବଗତ କରାଯାଇଛି । ଏହି ନୀତି ଅନୁଯାୟୀ ସେପ୍ଟେମ୍ବର ୩୦ ତାରିଖ ମଧ୍ୟରେ ନୂଆ ନାମଲେଖା ପ୍ରତ୍ୟାହାର କିମ୍ବା ବାତିଲ ହେବା କ୍ଷେତ୍ରରେ ସଂପୂର୍ଣ୍ଣ ଦେୟ ଫେରସ୍ତ କରାଯିବ । ସେହିପରି ଅକ୍ଟୋବର ୩୧ ତାରିଖ ମଧ୍ୟରେ ନାମଲେଖା ପ୍ରତ୍ୟାହାର କିମ୍ବା ବାତିଲ ହେଲେ ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକ ମାତ୍ର ୧ ହଜାର ଟଙ୍କା ଫେରସ୍ତ କରିବେ ।

# ମୌସୁମୀ ବର୍ଷା

ରାଜ୍ୟରେ ଆସନ୍ତା ସପ୍ତାହରୁ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ମୌସୁମୀ କୋରାପୁଟରେ ସକ୍ରିୟ ରହିଥିବାବେଳେ ଆଗାମୀ ୩ ରୁ ୪ ଦିନ ମଧ୍ୟରେ ଆଗକୁ ଅଗ୍ରସର ହେବ। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ବର୍ଷା ହେବ। ରାଜ୍ୟର ଉପକୂଳ ଅଂଚଳରେ ପ୍ରାକ୍ ମୌସୁମୀ ବର୍ଷା ହୋଇଥିଲେ ମଧ୍ୟ କେତେକ ଅଞ୍ଚଳରେ ଗୁଳୁଗୁଳି ଜାରି ରହିଛି। ଆଗାମୀ ୪ ଦିନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ଅଛି। ଆସନ୍ତା ୨୪ ଘଂଟା ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶା ଓ ଉତ୍ତର ଓଡ଼ିଶାର କିଛି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି।